# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23rd July – 2026

************************************

## ମୁଖ୍ୟ ସମ୍ବାଦ

- ପ୍ରଶ୍ନପତ୍ର ପ୍ରଘଟ ମାମଲାର ତ୍ୱରିତ ବିଚାର ଲାଗି ସ୍ଥାପନ ହେବ ଫାଷ୍ଟଟ୍ରାକ୍ କୋର୍ଟ ।

- ବାହୁଡ଼ାଯାତ୍ରାରେ ଆସନ୍ତାକାଲି ଜନ୍ମବେଦୀରୁ ରତ୍ନବେଦୀକୁ ପ୍ରତ୍ୟାବର୍ତ୍ତନ କରିବେ ଚତୁର୍ଦ୍ଧାମୂର୍ତ୍ତି ।

- ସରକାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ମଧ୍ୟରେ ସ୍ଥାନିତ କରିବାର ଲକ୍ଷ୍ୟ ରଖିଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଆସନ୍ତାମାସ ୨୧ ତାରିଖରେ ହେବ ମହାନଦୀ ଜଳବିବାଦର ପରବର୍ତ୍ତୀ ଶୁଣାଣି ।

***Desk***

# ପି.ଏମ୍. - ପ୍ରଶ୍ନପତ୍ର ପ୍ରଘଟ

ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାର ତ୍ୱରିତ ବିଚାର ଲାଗି ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଶ୍ରୀ ମୋଦି କହିଚନ୍ତି, ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦେଶର ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତକୁ ସୁରକ୍ଷିତ ରଖିବା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା । ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସଂପୃକ୍ତ କର୍ତ୍ତୃପକ୍ଷ ଏବଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରିସାରିଛନ୍ତି  ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅପରପକ୍ଷରେ ଏହି ମାମଲାରେ ଆନ୍ଦୋଳନ କରୁଥିବା ଛାତ୍ର ପ୍ରତିନିଧିମାନଙ୍କ ସହ ସମସ୍ତ ପ୍ରସଙ୍ଗରେ ଆଲୋଚନାପାଇଁ ସରକାର ସର୍ବଦା ପ୍ରସ୍ତୁତ ଅଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ।

***Voice (Jitendra Singh)*** :………

*Puri/R*

# ସନ୍ଧ୍ୟାଦର୍ଶନ - ବାହୁଡ଼ାଯାତ୍ରା

ପୁରୀରେ ଆସନ୍ତାକାଲି ଶ୍ରୀଜିଉମାନଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ । ଏନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଆଜି ଶ୍ରୀଜୀଉମାନେ ନବମୀ ସନ୍ଧ୍ୟା ଦର୍ଶନ ଅବସରରେ ଜନ୍ମବେଦୀରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସନ୍ଧ୍ୟା ଦର୍ଶନ ପରେ ସନ୍ଧ୍ୟାଧୂପ ଓ ଆଳତୀ ନୀତି କରାଯିବ। ପରେ ବଡ଼ସିଂହାର ଭୋଗ ହୋଇ ପହୁଡ଼ ଆଳତୀ ନୀତି ଅନୁଷ୍ଠିତ ହେବ। ବାହୁଡ଼ା ଯାତ୍ରାର ସୁପରିଚାଳନା ନେଇ ୨୦୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଟ୍ରାଫିକ୍ କଟକଣା ଆଜି ସନ୍ଧ୍ୟାରୁ ଲାଗୁ କରାଯିବାକୁ ଥିବା ବେଳେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷାକୁ ନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ।

***Voice :.........***

ବାହୁଡ଼ାଯାତ୍ରାପାଇଁ ଆସନ୍ତାକାଲି ଭୋର୍ ୪ଟାରେ ଶ୍ରୀଜୀଉମାନଙ୍କ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା କରାଯାଇ ଭୋର୍ ୫ଟା ସୁଦ୍ଧା ବେଶ ଶେଷ କରାଯିବ। ପରେ ମଧ୍ୟାହ୍ନ ୧୨ଟାରୁ ୨ଟା ୩୦ ମଧ୍ୟରେ ବାହୁଡ଼ା ପହଣ୍ଡି ଓ ୩ଟା ୩୦ ମିନିଟ୍ ମଧ୍ୟରେ ଗଜପତି ମହାରାଜଙ୍କ ଦ୍ୱାରା ଛେରାପହଁରା ନୀତି ଅନୁଷ୍ଠିତ ହେବ। ଅପରାହ୍ନ ୪ଟାରେ ଚାରମାଳ ଫିଟା ଓ ଘୋଡ଼ା ଲାଗିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Desk*

# ଜଗନ୍ନାଥ ମନ୍ଦିର - ଟ୍ରେଡ୍‌ମାର୍କ

ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ର ପରମ୍ପରା ଓ ଐତିହ୍ୟର ସୁରକ୍ଷାପାଇଁ ଟ୍ରେଡ୍‌ମାର୍କ ପଞ୍ଜୀକରଣର ଦ୍ୱିତୀୟ ପର୍ଯ୍ୟାୟରେ ୫ଟି ଟ୍ରେଡ୍‌ମାର୍କକୁ ଅନୁମୋଦନ କରାଯାଇଛି । ଜଗନ୍ନାଥଧାମ, ଶ୍ରୀକ୍ଷେତ୍ର, ମହାପ୍ରସାଦ, ନୀଳଚକ୍ର ଓ କୋଇଲି ବୈକୁଣ୍ଠ ନାମର ଅନଧିକୃତ ବ୍ୟବହାର ଓ ବାଣିଜ୍ୟିକ ଅପବ୍ୟବହାରକୁ ରୋକିବା ଦିଗରେ ଏହି ପଦକ୍ଷେପ ସହାୟକ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ।

*Desk*

# ମହାନଦୀ ଜଳବିବାଦ ଶୁଣାଣି

ମହାନଦୀ ଜଳବିବାଦର ପରବର୍ତ୍ତୀ ଶୁଣାଣି ଆସନ୍ତାମାସ ୨୧ ତାରିଖରେ ହେବ ବୋଲି ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି । ଟ୍ରିବ୍ୟୁନାଲ୍‌ରେ ଆଜି ହୋଇଥିବା ଶୁଣାଣି ସମ୍ପର୍କରେ ସୂଚନା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ଆଗାମୀ ଦୁଇମାସ ମଧ୍ୟରେ ଜଳବିବାଦ ସମ୍ପର୍କରେ ସମାଧାନ ସୂତ୍ର ବାହାରିବାର ସମ୍ଭାବନା ରହିଛି । ଟ୍ରିବ୍ୟୁନାଲ୍ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଆପୋଷ ଆଲୋଚନାପାଇଁ ପରାମର୍ଶ ଦେଇଛନ୍ତି ।

କେନ୍ଦ୍ର ଜଳ ଆୟୋଗ ଏବଂ ଜଳଶକ୍ତି ମନ୍ତ୍ରଣାଳୟକୁ ଏଥିରେ ମଧ୍ୟସ୍ଥତା କରିବାକୁ କୁହାଯାଇଥିବା ନେଇ ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

***Desk***

# ବୁଝାମଣାପତ୍ର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏ.ଆଇ. ଡାଟା ସେଣ୍ଟର ପାର୍କ, ବିଶ୍ୱସ୍ତରୀୟ ଯୋଗାଣ କେନ୍ଦ୍ର ପ୍ରତିଷ୍ଠାପାଇଁ ଏଚ୍.ସି.ଏଲ୍. ଟେକ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବେ । ୭୩୦ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ହେବାକୁ ଥିବା ଏହି ପ୍ରକଳ୍ପ ଯୋଗୁଁ ରାଜ୍ୟରେ ଯୁବଗୋଷ୍ଠୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ସହଭାଗିତା ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ରାଜ୍ୟର କ୍ଷମତାକୁ ସୁଦୃଢ଼ କରିବ । ପ୍ରଗତିଶୀଳ ନୀତି, ଦୃଢ଼ ଭିତ୍ତିଭୂମି ଏବଂ ଭବିଷ୍ୟତପାଇଁ ପ୍ରସ୍ତୁତ ପ୍ରତିଭାଙ୍କଦ୍ୱାରା ସମର୍ଥିତ ରାଜ୍ୟର ଅର୍ଥବ୍ୟବସ୍ଥା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଡିଜିଟାଲ୍ ଇକୋ ସିଷ୍ଟମ୍ ନିର୍ମାଣ କରୁଛି ।

***Desk***

# ଓଡ଼ିଶା - ନିବେଶ ସୂଚକାଙ୍କ

ନୀତି  ଆୟୋଗଦ୍ୱାରା ପ୍ରକାଶିତ ନିବେଶ ଅନୁକୂଳ ସୂଚକାଙ୍କ-୨୦୨୬ ଓଡ଼ିଶା ଦେଶର ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ନୀତି ଆୟୋଗ ଏହି ମାନ୍ୟତା ରାଜ୍ୟପାଇଁ ଖୁବ୍ ଉତ୍ସାହଜନକ । କେବଳ ଶିଳ୍ପକ୍ଷେତ୍ରରେ ନୁହେଁ, ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଓଡ଼ିଶାକୁ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବାର ଲକ୍ଷ୍ୟ ରହିଛି ବୋଲି ଶ୍ରୀ ମାଝୀ କହିଛନ୍ତି । ରାଜ୍ୟ ଗତ ୨ ବର୍ଷ ମଧ୍ୟରେ ୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି । ଶିଳ୍ପକ୍ଷେତ୍ରରେ ଓଡ଼ିଶାର ଏହି ସଫଳତାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଶିଳ୍ପପତି ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।

***Desk***

# ଯୁକ୍ତ ଦୁଇ - ମେଧାତାଲିକା

ରାଜ୍ୟରେ ୨୦୨୬-୨୭ ଶିକ୍ଷାବର୍ଷରେ ଯୁକ୍ତ ଦୁଇରେ ନାମଲେଖାଇବା ପାଇଁ ଆଜି ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ୪୬ ହଜାର ୫୭୦ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି ।

କଳାରେ ସର୍ବାଧିକ ୩୨ ହଜାର ୭୮୨ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି ।

***Kendrapara/R***

# ରାସନ କାର୍ଡ଼ ବଣ୍ଟନ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡ଼ା ଗସ୍ତରେ ଯାଇ ହିତାଧିକାରୀମାନଙ୍କୁ ରାସନ କାର୍ଡ଼ ବଣ୍ଟନ କରିବା ସହ ଖାଦ୍ୟ ସୁରକ୍ଷା, ଖାଉଟି କଲ୍ୟାଣ ଏବଂ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି । ରାଜ୍ୟ ସରକାର ଖାଦ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ରାଜ୍ୟର କୌଣସି ଲୋକ ଯେପରି ଭୋକିଲା ନ ରୁହନ୍ତି, ସେଥିପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଦ୍ୟଶସ୍ୟ ପ୍ରଦାନ କରାଯାଉଛି । ଭୋକମୁକ୍ତ ଓ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

*Nayagarh/R*

# ବୟନଶିଳ୍ପ କମିଟି ବୈଠକ

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ଜିଲ୍ଲାସ୍ତରୀୟ ନିରୀକ୍ଷଣ କମିଟି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ହସ୍ତତନ୍ତ ଓ ବୟନଶିଳ୍ପର ସାମଗ୍ରିକ ବିକାଶ, ବୁଣାକାରଙ୍କ ଆୟବୃଦ୍ଧି ଏବଂ ସେମାନଙ୍କ ଉତ୍ପାଦ ନିମନ୍ତେ ଅଧିକ ବଜାର ସୁବିଧା ସୃଷ୍ଟି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି ।

*Rayagada/R*

# ଏସ୍.ଆଇ.ଆର୍. - ସମୀକ୍ଷା

ରାୟଗଡ଼ା ଜିଲ୍ଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଭୋଟର୍ ତାଲିକା ପର୍ଯ୍ୟବେକ୍ଷକ ଡକ୍ଟର ପ୍ରଶାନ୍ତ କୁମାର ରେଡ୍ଡୀଙ୍କ ସହ ଅନ୍ୟ ଅଧିକାରୀମାନେ ସମୀକ୍ଷା କରିଛନ୍ତି । ଏହି ଅବସରରେ ଅଧିକାରୀମାନେ ରାୟଗଡ଼ା ବ୍ଲକ୍ କାର୍ଯ୍ୟାଳୟ ଏବଂ ପୌରାଞ୍ଚଳରେ ଥିବା ବିଭିନ୍ନ ଜନଶୁଣାଣି କେନ୍ଦ୍ରଗୁଡ଼ିକୁ ବୁଲି ଦେଖିଥିଲେ ।

*Nuapada/R*

## ଶିଶୁଶ୍ରମିକ - ଶିବିର

ନୂଆପଡ଼ା ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ଶିଶୁଶ୍ରମିକଙ୍କ ଉଦ୍ଧାର ଓ ଥଇଥାନ ନିମନ୍ତେ ଶ୍ରମ ଏବଂ ପୁଲିସ ବିଭାଗର ମିଳିତ ଉଦ୍ୟମରେ ଏକ ଜନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲା ଶ୍ରମ ଉପକମିଶନର ରବୀନ୍ଦ୍ର କୁମାର ବାର୍ଲା ଯୋଗଦେଇ ଶିଶୁଶ୍ରମିକମାନଙ୍କପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ, ସେମାନଙ୍କର ଉଦ୍ଧାର ଏବଂ ଥଇଥାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

*Rayagada/R*

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାୟଗଡ଼ା ଜିଲ୍ଲାର ଅଶୋକ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ପରିଷଦ ପକ୍ଷରୁ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୩ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି ।

*Desk*

# ଜାତୀୟ ପ୍ରସାରଣ ଦିବସ

ଦେଶରେ ବିକାଶ, ଶିକ୍ଷାଗତ ପ୍ରସାର ଏବଂ ସାଂସ୍କୃତିକ ସଂରକ୍ଷଣରେ ପ୍ରସାରଣ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ମରଣ କରି ଆଜି ସମଗ୍ର ଦେଶରେ **ଜାତୀୟ ପ୍ରସାରଣ ଦିବସ** ପାଳନ କରାଯାଉଛି ।

୧୯୨୭ ମସିହା ଆଜିର ଦିନରେ ଭାରତୀୟ ପ୍ରସାରଣ କମ୍ପାନୀ ଅଧୀନରେ ବମ୍ବେ ଷ୍ଟେସନରୁ ଦେଶର ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା । ୧୯୩୬ ମସିହା ଜୁନ୍ ମାସ ୮ ତାରିଖରେ ଭାରତୀୟ ରାଜ୍ୟ ପ୍ରସାରଣ ସେବାର ନାମ ଅଲ୍ ଇଣ୍ଡିଆ ରେଡିଓ-ଏ.ଆଇ.ଆର. ରଖାଯାଇଥିଲା ଏବଂ ପରେ ଏହା ଆକାଶବାଣୀ ନାମରେ ନାମିତ ହୋଇଥିଲା । ଦଶନ୍ଧିବ୍ୟାପୀ ବିଭିନ୍ନ ବର୍ଗର ବିଶ୍ୱସ୍ତ ଶ୍ରୋତାଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମନୋରଞ୍ଜନ ଭଳି ବିଭିନ୍ନ କ୍ଷେତ୍ର ସମ୍ବନ୍ଧୀୟ ସୂଚନା ପହଞ୍ଚାଇବା ସହ ଆକାଶବାଣୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସୁଦୀର୍ଘ ଯାତ୍ରା ଜାରି ରଖିଛି ।

*Desk*

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବା ସହ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା

ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

******